

# ବିଚିତ୍ର ବର୍ଣ୍ଣ

ନିଶିକାନ୍ତ କହଲସିଂହ

ବଣମଲ୍ଲୀର ମହକ


ପ୍ରଳମ୍ବାସୁରବଧ ବେଶ
ପଦ୍ମବେଶ
ନିତ୍ୟତଡ଼ପଉତ୍ତରୀବେଶ
ନିତ୍ୟଧୂପବେଶ
ନିତ୍ୟବଡ଼ଶୃଙ୍ଗାରବେଶ
ନାଗାର୍ଜୁନ ବେଶ
ମକରଚୌରାଶୀ ବେଶ
କୃଷ୍ଣବଳରାମବେଶ
କାଳୀୟଦଳନ ବେଶ
ଝୁଲଣବେଶ
ଗିରିଗୋବର୍ଦ୍ଧନ ବେଶ
ଘୋଡ଼ଲାଗିବେଶ
ଦୋଳପୂର୍ଣ୍ଣିମା ବେଶ
ଡାଳିକିଆ ବେଶ
ଚନ୍ଦନଲାଗିବେଶ
ଚାଚେରୀବେଶ
ବାଙ୍କଚୂଡ଼ା ବେଶ
ବଣଭୋଜିବେଶ
ନବାଙ୍କବେଶ
ନବଯୌବନବେଶ
ଗଣପତିବେଶ
ଗଜଉଦ୍ଧାରଣବେଶ
ବଳିବାମନବେଶ
ବଡ଼ତଡ଼ାଉ-ସୁନାବେଶ
ଆଡ଼କିଆ ବେଶ
ଶ୍ରାଦ୍ଧ ବେଶ
ରଘୁନାଥବେଶ
ପୁଷ୍ପାଭିଷେକବେଶ
ଟାହିଆଲାଗିବେଶ
ସେନାପଟାଲାଗିବେଶ
ରାଧାଦାମୋଦରବେଶ
ଠିଆକିଆ ବେଶ



# ବିଚିତ୍ରବର୍ଣ୍ଣା


## କବି ନିଶିକାନ୍ତ କହଲସିଂହ

ଲୋକିପୁର, ଗଡମାଣତୀର,
ବେଗୁନିଆ, ଖୋରଧା, ଓଡିଶା
ଦୂରଭାଷ : ୯୯୩୭୯୫୩୫୨୬





ପ୍ରସ୍ତୁତି
ବଣମଲ୍ଲୀର ମହକ
WWW.BANAMALLI.ORG

## ଏକ

ପାପ ତାପ ମୋର
ବଇଶାଖି ବାଆ
ତୁମକୁ ଦେଇଛି ସବୁ
କେତେ ପାପୀଙ୍କର
ପାପ ନେଇ ତୁମେ
କେମିତି ରହିଛ ପ୍ରଭୁ,
ହୋଇକି ଚନ୍ଦନ ବେଶ
ମୋ' ଅଳିଆ ମନ
ଗୋଳିଆ ନରେନ୍ଦ୍ରେ
ଚାପ ନାବ ପରେ ବସ ||



ଦୁଇ

ଜ୍ୟେଷ୍ଠ ଡହକ
ପରି ମୋ ଦୁଃଖ
ତୁମକୁ ଦେଇଛି ଟେକି
ମୋ' ପରି ସଭିଏଁ
ଟେକି ଦେଉଥିବେ
ଦୁନିଆର ଯେତେ ଦୁଃଖୀ
ଆସ ଦୁଃଖୀଧନ ଆସ
ମୋ ମନ ସ୍ନାହାନ -
ମଣ୍ଡପରେ ଥରେ
ହାତୀ ବେଶ ହୋଇ ବସ ।।



### ତିନି

ଆମ୍ଭ ମୋହର
ଦିଗହଜା ରଥ
ଏ ଜୀବନ ବଡଦାଣ୍ଡେ
କୁଆଡେ ଯାଏ ସେ
କେଉଁଠି କାଳେ ସେ
ରହେନା ନିମିଶେ ଦଣ୍ଡେ,
କଳା ବାମନ ହେ ଆସ
ଏଇ ଆଷାଢ଼ରେ
ସୁନାବେଶ ହୋଇ
ଆମ୍ଭ ନନ୍ଦିଘୋଷେ ବସ ।।



## ଚାରି

ମୋ' ଲୁହ ଅସରା
ଶିରାବଣ ଧାରା
ଝରୁଛି ଜନମ ଦିନୁ
ସେ ପୁଣି ଥମିବ
ଏ ଜୀବନେ ମୋର
ପାଶୋରି ଦେଇଛି ମନୁ,
ଏଇ ଶିରାବଣ ମାସ
ଚିତଉ ପାଳିରେ
ଆସ ଚିନ୍ତାମଣି
ହୋଇ ଚିତାଲାଗି ବେଶ ।।



ଅହଙ୍କାର ମୋର
କାଳୀୟ ନାଗ ତ
ବିଶ୍ୱାସ ପଦ୍ମବନ
ବିଶ୍ୱାସ ବନ
ଜଳୁଛି କାଳୀୟ-
ନିଃଶ୍ୱାସେ ଘନଘନ,
ଭୋଦୁଅ ତାଡିର ବିଷ
ନାଶି ହେ ମାଧବ
ଦେଖାଅ ହେ ତବ
କାଳୀୟ ଦଳନ ବେଶ ।।

ପାଞ୍ଚ



ଛଅ

ପ୍ରେମ ବୋଲି ଯେଉଁ
ଦୁଇଟି ଅକ୍ଷର
ସେତ ମନ୍ଦାକିନୀ ଧାରା
ଭୁଲିଛି ମୁଁ ପ୍ରେମ
ଜଳିଛି ହେ ଶ୍ୟାମ
ଏ ଭବେ ଜୀବନ ସାରା,
ଦେଖନ୍ତିକି ପ୍ରେମ ରାସ
ଆସ ମୋର ସାଇଁ
ଅଶିଣରେ ହୋଇ
ରାଈ-ଦାମୋଦର ବେଶ ।।



## ସାତ

ସଂସାର ମୋ' ପାଇଁ
ନରକପୁରୀ ହେ
ମୁଁ ସେ ନରକର କୀଟ
ନରକପୁରୀରୁ
ବଇକୁଣ୍ଠ ପୁର
ଜାଣେନା ମୁଁ କେତେବାଟ,
ମହା କାର୍ତ୍ତିକରେ ଆସ,
ବଇକୁଣ୍ଠ କର
ଧରଣୀକୁ ହୋଇ
ଲକ୍ଷ୍ମୀନାରାୟଣ ବେଶ ।।



ଆଠ

କୃଷ୍ଣ ଚତୁର୍ଦ୍ଦଶୀ
ଶୁକ୍ଳ ପ୍ରତିପଦା
ଅମାବାସ୍ୟା ମାର୍ଗଶୀର
ନାଲିନାଗପୁରୀ
ସୂତା ଶାଢ଼ି ପିନ୍ଧି
ଶ୍ରୀକାପଡା ନାଇ ଶୀର,
ପୁତ୍ର ରୂପ ନେଇ ଆସ
ଏ ମଣିଷ ସ୍ଥରୁ
ପିତୃ ପୁରୁଷଙ୍କୁ
ଦେଖ୍ ତୁମ ଶ୍ରାଦ୍ଧ ବେଶ ।।



ନଅ

ମାୟା ମଞ୍ଚର
ମଣିଷ ଟିଏମୁଁ
ରାଜା ମଣେ ମିଛିମିଛି
ବୁଝାଇବାକୁ ହେ
ତୁମ ବିନା ଏଇ
ଦୁନିଆରେ ନାହିଁ କିଛି ।
ଦେଖାନ୍ତ କି ଜଗଦୀଶ
ପୁଷ ପୁନେଇଁ ରେ
ସୁବର୍ଣ୍ଣ ମୁକୁଟ-
ମଣ୍ଡିତ ରାଜା ବେଶ ।।



ଦଶ

ସଂସାର ଗଣ୍ଡକୀ-
ଅଥଳ ଜଳରେ
ମାୟା ନକ୍ର ହେଲା କାଳ,
ଗଜ ନୁହେଁ ଖାଲି
ଗଜ ମୁରୁଖ ମୁଁ
ମୋହକୁ କରିଛି ମାଳ,
କରିବାକୁ ନକ୍ରନାଶ
ମାତ୍ର ହୁଅ ଥରେ
ମଣିମା ମାଘରେ
ଗଜ ଉଦ୍ଧାରଣ ବେଶ ||



## ଏଗାର

ସାଇତିଛି ଶୋକ-
ବୋଇତାଣୀ ବାସ
ମୋ ଦୁଃଖର ମାଧବାଳୀ
ଲୁହର ଚନ୍ଦନ
ଅବିର ରଖିଛି
ଶ୍ରୀ ଅଙ୍ଗେ ଦେବାକୁ ବୋଲି,
ଏଇ ଫଗୁଣରେ ଆସ
ଏ ପାପୀ ହୃଦୟ
ରତ୍ନବେଦୀ ପରେ
ଦେଖାଅ ଚାଚେରୀ ବେଶ ।।



ବାର

ରାମ ରାଇଜରେ
ରାବଣ ପରି ମୁଁ
ବଡ଼ିମା ଦେଖାଏ ସିନା
ମୁଁ ପତିତ ତୁମେ
ପତିତପାବନ
କିବା ସୁଖ ତୁମ ବିନା,
ହୋଇ ରଘୁନାଥ ବେଶ
ଚଇତ୍ର ଶୁକ୍ଳ
ନବମୀ ତିଥିରେ
ବିଚିତ୍ରବର୍ଣ୍ଣା ହେ ଆସ ।।



# ଅଭିମତ

ମୋ ରଚିତ ଶ୍ରୀ ଜଗନ୍ନାଥ ଭକ୍ତି ରସାମୃତ "ବିଚିତ୍ରବର୍ଣ୍ଣା" ଏକ ସ୍ୱତନ୍ତ୍ର ଇ-ସଂକଳନ । ବଣମଲ୍ଲୀର ମହକ ଇ-ସାହିତ୍ୟ ସଂଗଠନ ତରଫରୁ ଏହି ଭକ୍ତି ସଂକଳନଟିର ପ୍ରସ୍ତୁତ କରାଯାଇଅଛି । ବଣମଲ୍ଲୀର ମହକ ତରଫରୁ ଆରମ୍ଭ ହୋଇଥିବା ଏହି ନୂତନ ପ୍ରୟାସରେ ମୁଁ ବେଶ ଆନନ୍ଦିତ । ଓଡିଆ ସାହିତ୍ୟର ସମୃଦ୍ଧି ଦିଗରେ ପଦଚାଳନା କରି ଆସୁଥିବା ଏହି ଇ-ସଂଗଠନର କର୍ମକର୍ତ୍ତା ମାନଙ୍କୁ ସାଧୁବାଦ ଜଣାଇବା ସହ କୃତଜ୍ଞତା ଜ୍ଞାପନ କରୁଛି । ଏହି ସଂକଳନଟିରେ ସ୍ଥାନ ପାଇଥିବା ସମସ୍ତ ଭକ୍ତି କବିତା ଗୁଡିକରୁ ଗୋଟିଏ ପଦ ବି ଯଦି ପାଠକ ପାଠିକା ମାନଙ୍କ ହୃଦୟକୁ ଛୁଇଁପାରିଲା ତେବେ ସବୁ ଶ୍ରମ ସାର୍ଥକ ହୋଇପାରିବ ।

ଜୟ ଜଗନ୍ନାଥ

ନିଶିକାନ୍ତ କହଲସିଂହ
ଲୋକିପୁର, ଗଡମାଣତୀର, ଖୋରଧା


ବଣମଲ୍ଲୀର ମହକ
FREELANCE PUBLICATION BY
WWW.BANAMALLI.ORG